# ପିଲାଙ୍କ ଧରିତ୍ରୀ

ଶନିବାର, ୨୮ ଡିସେମ୍ବର, ୨୦୧୯




୬ କବିତା




୩ ଅଭିନନ୍ଦନ ୨୦୨୦
୮ ଆଇନା

# ମୋନାର ନୂଆବର୍ଷ

ଗପ


ଦେବବାବୁଙ୍କ ସାନ ଝିଅ ମୋନା। ଭାରି ଖୁସି ମିଜାଜ୍‌ର ଝିଅ। ପଢାଠାରୁ ଆରମ୍ଭ କରି ଖେଳକୁଦ ଯାଏଁ ସବୁଥିରେ ସେ ବେଶ୍ ଆଗୁଆ। ହେଲେ ତା'ର ଏକ ମନ୍ଦ ଗୁଣ ହେଲା, ସେ ଭାରି ଅବୁଝା ଓ ଜିଦ୍‌ଖୋର ମିଜାଜ୍‌ର। ସେଥିଯୋଗୁଁ ସେ ଯେଉଁ କଥା ପାଇଁ ଜିଦ୍ କରେ ତାହା ପୂରା ନ ହେବା ଯାଏଁ ତା ଜିଦ୍‌ରୁ ଓହରେ ନାହିଁ। ଝିଅର ଏଇ ଜିଦ୍‌ଖୋର ପ୍ରକୃତି ପାଇଁ ସବୁବେଳେ ବାପା ମାଆ ଭାରି ଚିନ୍ତାରେ ପଡନ୍ତି। ହେଲେ ମୋନା ସେମାନଙ୍କର ଗୋଟିଏ ବୋଲି ଅଲିଅଳ ଝିଅ, ଏଣୁ ଝିଅର ସବୁ ଜିଦ୍‌କୁ ପୂରା କରିବା ଛଡା ସେମାନଙ୍କ ପାଖେ କୌଣସି ଉପାୟ ବି ନ ଥାଏ।



ଦିନକର କଥା, ନୂଆବର୍ଷରେ ବଣଭୋଜି କରିବାକୁ ମୋନା ସାଙ୍ଗସାଥୀଙ୍କ ସହ ବଣକୁ ବାହାରିଲା। ହେଲେ ବାପା, ମା' ତାକୁ ବଣକୁ ଭୋଜି କରିଯିବାକୁ ବାରଣକଲେ । ମାତ୍ର ମୋନା ପୂର୍ବପରି ଏଥରବି ନିଜ ଜିଦ୍‌ରେ ଅଟଳ ରହିଲା । ରାଗ ତମ୍‌ତମ୍ ହୋଇ ଘରର ଦାମୀ ଆସବାବପତ୍ର ସବୁ ଫିଙ୍ଗାଫୋପଡା କଲା । ଏହା ଦେଖି ଶେଷରେ ବାପା, ମା' ବାଧ୍ୟରେ ରାଜିହେଲେ। ମୋନା ଏଥର ଖୁସିରେ ସାଙ୍ଗମାନଙ୍କ ସହ ଖୁବ୍ ମଜାମଜଲିସ୍ କରି ସହରଠାରୁ ଦୂର ଜଙ୍ଗଲକୁ ଭୋଜି କରିବାକୁ ଗଲା। ଭୋଜି କରିବାବେଳେ ପାଖରେ ଥିବା ଜଙ୍ଗଲ ଆଡେ ବୁଲିଆସିବାକୁ ସେ ତା' ସାଙ୍ଗମାନଙ୍କୁ ଡାକିଲା। ହେଲେ ଜଙ୍ଗଲର ଅଜଣା ରାସ୍ତା ଓ ଜୀବଜନ୍ତୁଙ୍କ ଭୟରେ କେହିବି ତା' ସାଙ୍ଗେ ବୁଲିଯିବାକୁ ରାଜି ହେଲେ ନାହିଁ। ଏଣେ ମୋନା ଜଙ୍ଗଲ ବୁଲିବା ଆଶାରେ କାହାକୁ ନ ନେଇ ଏକା ଏକା ବଣଭିତରକୁ ଚାଲିଗଲା। ଆଗରୁ ଏମିତି ବଣଜଙ୍ଗଲ ଓ ପ୍ରାକୃତିକ ପରିବେଶ ଦେଖି ନ ଥିବାରୁ ଏଥିପ୍ରତି ବିମୋହିତ ହୋଇ ସେ ବହୁ ଦୂରକୁ ଚାଲିଗଲା। ଚାହୁଁ ଚାହୁଁ ମୋନା ଜଙ୍ଗଲ ଭିତରେ ଫେରିବାର ରାସ୍ତା ଆଉ ଖୋଜିପାଇଲା ନାହିଁ। ଏଣେ, ସମୟ ଗଡି ସଞ୍ଜ ହେବାକୁ ବସିଥିବା ବେଳେ ଜଙ୍ଗଲର ହିଂସ୍ର ଜୀବଙ୍କ ଗର୍ଜନରେ ମୋନା ଖୁବ୍ ଭୟଭୀତ ହୋଇଗଲା । ବାପା, ମାଆ ଓ ସାଙ୍ଗମାନଙ୍କ କଥା ମାନି ନ ଥିବାରୁ ମୋନା ନିଜର ଭୁଲ୍ ବୁଝି ପାରିଲା। 'ମୋତେ ସାହାଯ୍ୟ କର' – କହି ମୋନା ଯେତେ ବଡପାଟିରେ ଡାକିଲା କେହିବି ତା' ଡାକ ଶୁଣିପାରିଲେ ନାହିଁ। ଶେଷରେ ଲୁହ ଛଳଛଳ ଆଖିରେ ସେ ଭଗବାନଙ୍କୁ ପ୍ରାର୍ଥନା କଲା। ଏହିସମୟରେ ତାକୁ ଖୋଜିଖୋଜି ଅନ୍ୟ ସାଙ୍ଗମାନେ ତା' ପାଖରେ ପହଞ୍ଚିଗଲେ। ଏଥର ସାଙ୍ଗମାନଙ୍କୁ ପାଖରେ ଦେଖି ମୋନା ମନରେ ଟିକେ ସାହସ ଆସିଲା। ସାଙ୍ଗମାନଙ୍କ ପାଖକୁ ଦୌଡିଯାଇ ସେମାନଙ୍କୁ କୁଣ୍ଢାଇ ପକାଇଲା ଏବଂ ସେମାନଙ୍କ କଥା ନ ମାନି ଏକା ଏକା ଜଙ୍ଗଲକୁ ଚାଲି ଆସିଥିବାରୁ ନିଜର ଭୁଲ୍ ବୁଝିପାରିଲା ।

ଏଥର ସଭିଏଁ ଏକାଠି ହୋଇ ଜଙ୍ଗଲ ବାହାରକୁ ଆସିଲେ। ପୁଣି ଥରେ ହସଖୁସିରେ ସଭିଏଁ ଭୋଜିଭାତ ଖାଇ ଘରକୁ ଫେରିଲେ। ହେଲେ, ଘରକୁ ଫେରିବା ବେଳେ ସମସ୍ତେ ହସଖୁସିରେ ମସ୍‌ଗୁଲ୍ ଥିବାବେଳେ ମୋନା ମନମାରି ବସି ରହିଥିଲା। ଘରେ ପହଞ୍ଚିବା କ୍ଷଣି ବାପା, ମାଆଙ୍କ ପାଦଛୁଇଁ ଭୁଲ୍ ମାଗିଲା। ଗୁରୁଜନଙ୍କ କଥା ନ ମାନି ସବୁବେଳେ ଜିଦ୍ କରୁଥିବାରୁ ତାକୁ କ୍ଷମା କରିଦେବାକୁ କହିଲା। ଝିଅ ନିଜର ଭୁଲ୍ ବୁଝିପାରିଥିବାରୁ ମୋନାର ବାପା ମାଆ ଖୁବ୍ ଖୁସି ହେଲେ। ଝିଅର ପିଠି ଥାପୁଡେଇ ମାଆ ତାକୁ ଅତି ଗେହ୍ଲାରେ କୋଳେଇ ନେଲେ ଆଉ ବାପା ତା'ର ପ୍ରିୟ କେକ୍‌ଟିକୁ ତା ହାତକୁ ବଢେଇଦେଲେ। ମୋନା ଖୁସି ମନରେ କେକ୍ କାଟି ବାପା ମାଆଙ୍କୁ ହାପି ନ୍ୟୁ ଇୟର ଜଣାଇଲା । ଆଉ ଏଥର ନୂଆ ବର୍ଷରେ ଶପଥ ନେଲା, ଆଜିଠାରୁ କେବେବି କୌଣସି କଥାରେ ଜିଦ୍ କରିବ ନାହିଁ କି ଗୁରୁଜନଙ୍କ କଥାକୁ କେବେ ଅମଙ୍ଗ ହେବନାହିଁ ।

–ଶିବରାମ ମହାପାତ୍ର
ମହିତମା , ନୟାଗଡ
ମୋ:୮୨୪୯୫୦୮୧୭୪



## ମତାମତ

ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନିତ ସମସ୍ତ ଚିତ୍ର ଖୁବ୍ ଭଲ ଲାଗୁଥିଲା। ସେଥିରୁ ବେଶି ଭଲ ଲାଗୁଥିଲା ନଟିଆ ଓ ଗାଣ୍ଡୁଙ୍କ ଚିତ୍ର।

**– ସୋମେଶ୍, ରିତେସ୍**
ମଙ୍ଗଳାବାଗ, କଟକ

କହିଲ ଦେଖିର ଉତ୍ତର ଦେବାକୁ ମଜା ଲାଗୁଛି। କବିତା ସ୍ତମ୍ଭଟି ବେଶ୍ ମନକୁ ଛୁଇଁପାରୁଛି।

**– ଅସୀମା ମହାପାତ୍ର**
ଗୋବିନ୍ଦପାଲି, ମାଲକାନଗିରି

ଆସ ଖୋଜିବା ଓ ବିନ୍ଦୁ ଯୋଡ କରିବାକୁ ଭଲ ଲାଗୁଛି।

**– ରିତିକ୍ ଦାସ**
ବାଉଁଶିଆପଡା, ନୟାଗଡ




## ଖିଲିଖିଲି ହସ

ରବିନ୍: ଏ ଦୁନିଆରେ ସବୁଠୁ ବଡ ଆଣ୍ଟ୍ କିଏ ?
ରମେଶ୍: ଏଲିଫ୍ ଆଣ୍ଟ୍ (ଏଲିଫ୍ୟାଣ୍ଟ୍) !

(ଶିକ୍ଷକ କୁନା ମଧ୍ୟରେ କଥାବାର୍ତ୍ତା)
ଶିକ୍ଷକ: ଯଦି କେହି ମୋଟା ବ୍ୟକ୍ତି କୌଣସି କାମ ଲାଗି ପୁଣି ଫେରିକି ଆସନ୍ତି, ତେବେ ଆମେ ତାଙ୍କୁ କ'ଣ କହିବା ?
କୁନା–ସାର୍, ତାଙ୍କୁ ଗୋଲମାଲ୍ ରିଟର୍ନସ୍ କହିବା।

ଚିଣ୍ଟୁ କାନ୍ଦିବାରୁ ତୁଷାର ତାକୁ ପଚାରିଲା– କ'ଣ ହୋଇଛି,କାହିଁକି କାନ୍ଦୁଛୁ ?
ଚିଣ୍ଟୁ: ମୋର କୁକୁଡା ମରିଗଲା।
ତୁଷାର: କୁକୁଡା ପାଇଁ ତୁ ଏତେ ଜୋରରେ କାନ୍ଦୁଛୁ ? ମୋ ଅଙ୍କଲ୍ ମଲା ବେଳେ ବି ମୁଁ ଏମିତି କାନ୍ଦି ନ ଥିଲି।
ଚିଣ୍ଟୁ: ତୋ ଅଙ୍କଲ୍ କ'ଣ ଅଣ୍ଡା ଦେଉଥିଲେ ?

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

ଆମ ଠିକଣା
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795






## ସମାଜ ପାଇଁ କିଛି ଭଲ କାମ କରିବା ଲାଗି ସଂକଳ୍ପ ନେଇଛି



ନୂଆବର୍ଷ ଆସୁଛି ପୁଣି କିଛି ନୂଆ ଆଶା ଆଉ ନୂଆ ଉଦ୍ଦୀପନା ନେଇ। ଏଥିଲାଗି ମୁଁ ବହୁତ ଉତ୍ସାହିତ। ଏହି ନୂଆ ବର୍ଷରେ ମୁଁ ସଂକଳ୍ପ ନେଇଛି ସମାଜ ପାଇଁ କିଛି ଭଲ କାମ କରିବି। ଏହା ସହ ମୋ ପାଠପଢା ଏବଂ ସ୍ୱାସ୍ଥ୍ୟ ପ୍ରତି ଆଉ ଟିକିଏ ଅଧିକ ଯତ୍ନବାନ ହେବି। ନୂଆବର୍ଷରେ ଗାଁକୁ ଯିବା ଲାଗି ଯୋଜନା କରିଛୁ। ସେଠାରୁ ଘଟଗାଁ ଯାଇ ମା’ ତାରିଣୀଙ୍କ ଆଶୀର୍ବାଦ ନେଇ ନୂଆବର୍ଷର ଶୁଭାରମ୍ଭ କରିବି। ଏହା ସହ ସେଠାରେ ଏକ ବଣ ଭୋଜିର ମଧ୍ୟ ଆୟୋଜନ କରିବୁ। ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କ ସହ ହସଖୁସିରେ ନୂତନ ବର୍ଷକୁ ସ୍ୱାଗତ କରିବି।

– **ପ୍ରତୀକ୍ଷା ଦାଶ,** କ୍ଲାସ-୭, ଡିଏଭି ପବ୍ଲିକ ସ୍କୁଲ, କଟକ

## ଦର୍ଶନୀୟ ସ୍ଥାନ ବୁଲିବି



ନୂଆବର୍ଷରେ ଭଗବାନଙ୍କ ପାଖକୁ ଯାଇ ଭଲ ପାଠ ପଢିବାକୁ ଆଶୀର୍ବାଦ ଭିକ୍ଷା କରିବି। ଦୈନିକ ଖବରକାଗଜ ପଢିବି। ନୃତ୍ୟ ତଥା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବି। ମୋର ପ୍ରିୟ ଖେଳ ବ୍ୟାଡ୍‌ମିଣ୍ଟନ୍ ଖେଳିବା ସହିତ ବାପା ମାଆଙ୍କ ସହ ଦର୍ଶନୀୟ ସ୍ଥାନ ବୁଲିବାକୁ ଯିବି।

**–ମୋନାଲିସା ମହାପାତ୍ର**
କ୍ଲାସ – ୭, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଇରଙ୍ଗପୁର, ମୟୁରଭଞ୍ଜ

## ସାଙ୍ଗ ସାଥୀଙ୍କ ସହ ସନ୍ଧ୍ୟାଟିକୁ ଉପଭୋଗ କରିବି



ନୂଆବର୍ଷକୁ ନୂଆ ଭାବନା ନୂଆ ଚିନ୍ତାଧାରା ନେଇ ଆରମ୍ଭ କରିବି। ଗୁରୁଜନମାନଙ୍କ ଆଶୀର୍ବାଦ ନେବି। ପରିବାର ସଦସ୍ୟଙ୍କ ସହ ମା’ ବିରଜାଙ୍କ ମନ୍ଦିର ଯିବି। ମା’ଙ୍କ ଠାରେ ସମସ୍ତଙ୍କ ମଙ୍ଗଳ ଲାଗି ପ୍ରାର୍ଥନା କରିବି। ସନ୍ଧ୍ୟା ବେଳେ ନୂଆ ବର୍ଷକୁ ସ୍ୱାଗତ କରିବା ଖୁସିରେ ନାଚ ଗୀତ ତଥା ଭୋଜିର ଆୟୋଜନ ହେବ। ସାଙ୍ଗ ସାଥୀଙ୍କ ସହ ସନ୍ଧ୍ୟାଟିକୁ ବେଶ ଉପଭୋଗ କରିବି। ନୂତନ ବର୍ଷ ସମସ୍ତଙ୍କ ଲାଗି ମଙ୍ଗଳମୟ ହେଉ ଏତିକି କାମନା କରିବି।

– **ରିତେଶ ଦାସ,** କ୍ଲାସ– ୭,
ଜିଇଏମ୍‌ଏସ୍ ସ୍କୁଲ, ଯାଜପୁର

## ଅଭିନନ୍ଦନ




**ପୁଣି ଆରମ୍ଭ ହେବାକୁ ଯାଉଛି ଏକ ନୂତନ ବର୍ଷ। ଏହି ବର୍ଷରେ କିଛି ନୂଆ କରିବା ଲାଗି ସମସ୍ତେ ପ୍ରତିଶ୍ରୁତି ବଦ୍ଧ। ନୂତନ ବର୍ଷକୁ ସ୍ୱାଗତ କରିବା ଲାଗି ଏମାନେ ଯାହା ଯୋଜନା କରିଛନ୍ତି ସେ ସମ୍ପର୍କରେ ....**

## ପଡୋଶୀଙ୍କ ସହ ମିଶି ନୂଆବର୍ଷ ପାଳିବି

ସବୁବର୍ଷ ପରି ଏବର୍ଷ ବି ମୁଁ ମୋ ପରିବାର ସହ ନୂଆବର୍ଷ ପାଳିବି। ଆମେ ସପରିବାର ନାରାୟଣଙ୍କ ସେବା କରୁ। ଅର୍ଥାତ୍ ଅନାଥାଶ୍ରମ ଯାଇ ସେଠାରେ ପିଲାଙ୍କୁ କିଛି ନା କିଛି ସାହାଯ୍ୟ କରୁ। ଆଜିକାଲି ରାସ୍ତାରେ ଯେପରି ଦୁର୍ଘଟଣା ଘଟୁଛି ସେଥିପାଇଁ ଏବର୍ଷ ବାହାରକୁ ଯିବାର କୌଣସି ଯୋଜନା ରଖିନୁ। ଆମେ ଏଥର ପଡୋଶୀଙ୍କ ସହ ମିଶି ନୂଆବର୍ଷ ପାଳିବୁ ଏବଂ ସମସ୍ତେ ସୁସ୍ଥ ରହିବାକୁ ଭଗବାନ୍‌ଙ୍କ ନିକଟରେ ପ୍ରାର୍ଥନା କରିବୁ।



**– ପିଆଲୀ ସାହୁ**
କ୍ଲାସ –୧୦, ବାହାଡ଼ାଖୋଲା ବାଳିକା ଉଚ୍ଚ ବିଦ୍ୟାଳୟ, ନୟାଗଡ

## ନାଚ, ଗୀତ ସହ ନୂଆବର୍ଷକୁ ସ୍ୱାଗତ କରିବୁ

ଏଥର ନୂଆ ବର୍ଷ ଭଲ ଦିନରେ ପଡୁଛି। ସେଥିଲାଗି ଆମର ପୂର୍ବରୁ ଭୋଜି କରିବାର ଯୋଜନା ଅଛି। ସାଙ୍ଗମାନେ ମିଳିମିଶି ଭୋଜି କରିବୁ। ଗୀତ, ନାଚ ହେବ। ସମସ୍ତେ ମିଶି ନୂଆବର୍ଷକୁ ସ୍ୱାଗତ କରିବୁ। ଏହା ହିଁ ପ୍ଲାନିଂ ଅଛି।



**–ସଚ୍ଚିଦାନନ୍ଦ ହାତୀ**
କ୍ଲାସ–୭,ବିବେକାନନ୍ଦ ଶିକ୍ଷା କେନ୍ଦ୍ର, କୋଣାର୍କ,ପୁରୀ







**ସାଙ୍ଗସାଥୀଙ୍କ ସହ ବଣଭୋଜି କରିବି :** ଛୋଟ ବେଳୁ ପ୍ରତି ନୂଆବର୍ଷରେ ମାଆ ବାବାଙ୍କ ସହ ମା’ ଶାରଳା ଓ ବାବା ଗୋରେଖନାଥଙ୍କ ଦର୍ଶନ କରିବାକୁ ଯାଏ। ଏଥର ନୂଆବର୍ଷରେ ବି ଭଗବାନଙ୍କ ଆଶୀର୍ବାଦ ନେବି। ଆଗାମୀ ବର୍ଷ ମ୍ୟାଟ୍ରିକ୍ ପରୀକ୍ଷା ଥିବାରୁ ନୂଆବର୍ଷଠାରୁ ରୁଟିନ୍ ପ୍ରସ୍ତୁତ କରି ପ୍ରତ୍ୟେକ ବିଷୟରେ କିପରି ସୁବିଧାରେ ହୋମ୍‌ୱାର୍କ କରିପାରିବି ସେଥିପ୍ରତି ଧ୍ୟାନ ଦେବି। ଏହିଦିନ ଘରେ ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ଖାଇବାକୁ ବାପାଙ୍କୁ କହିଛି। ସାଙ୍ଗସାଥୀଙ୍କ ସହ ବଣଭୋଜି କରିବାର ଯୋଜନା ରହିଛି।



– **ଅମିତ୍ କୁମାର ସାହୁ,** କ୍ଲାସ – ୯, ତରଜଙ୍ଗା ଉଚ୍ଚ ବିଦ୍ୟାଳୟ, ତିର୍ତ୍ତୋଲ, ଜଗତ୍‌ସିଂହପୁର



## ଦେଶବାସୀଙ୍କର ସମୃଦ୍ଧି ପାଇଁ ପ୍ରାର୍ଥନା କରିବି



ନୂଆବର୍ଷ ଦିନ ସକାଳୁ ମନ୍ଦିରକୁ ଯାଇ ଭଗବାନଙ୍କ ଦର୍ଶନ କରି ଦେଶବାସୀଙ୍କ ସୁଖ ଓ ସମୃଦ୍ଧି କାମନା କରିବି। ବର୍ତ୍ତମାନ ସମାଜରେ ଘଟୁଥିବା ଦୁର୍ନୀତି ଓ ଦୁର୍ଘଟଣାରୁ ଦୂରେଇ ସମସ୍ତେ ସତ୍ ଓ ନ୍ୟାୟରେ ରହିବା ପାଇଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବି।

**– ସୁଶ୍ରୀ ଶ୍ୱେତାଲିନା ପଣ୍ଡା**
କ୍ଲାସ – ୯, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର, ଗଞ୍ଜାମ

## ସାଙ୍ଗମାନଙ୍କ ସହ ବୁଲାବୁଲି କରିବି



ନୂଆବର୍ଷ ଦିନ ସକାଳୁ ଉଠି ବଡମାନଙ୍କ ଆଶୀର୍ବାଦ ନେବି। ତା’ପରେ ନୂଆ ଡ୍ରେସ ପିନ୍ଧିବି। ସାଙ୍ଗମାନଙ୍କ ସହ ବାହାରକୁ ବୁଲି ଯିବାର ଯୋଜନା ଅଛି।

**–ଅର୍ପିତା ପୁରୋହିତ**
କ୍ଲାସ–୭,ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ, ବୃନ୍ଦାବନ ବିହାର,ରେଢ଼ାଖୋଲ,ସମ୍ବଲପୁର

# କଳିକା

ଘଟଣାବହୁଳ ଥିଲା ବର୍ଷ ୨୦୧୯। ଅନେକଙ୍କ ଲାଗି ଏହି ବର୍ଷ ଆଣିଦେଇଥିଲା ସଫଳତା ଏବଂ ଗୌରବ। ତେବେ ଏବର୍ଷ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବା କିଛି କୁନି ପ୍ରତିଭାଙ୍କ ସମ୍ପର୍କରେ...



ତିଥିରୂପା



କୌଶିକ



ସ୍ମୃତିରଞ୍ଜନ



ପ୍ରାର୍ଥନା

**ସ୍ମୃତି ବିସ୍ମୟ ଧ୍ରୁବ:** ସିଙ୍ଗାପୁରର ଭାରତୀୟ ବଂଶୋଦ୍ଭବ ୧୨ ବର୍ଷୀୟ ଧ୍ରୁବ ମନୋଜ ହଂକଂଠାରେ ଅନୁଷ୍ଠିତ ହୋଇଥିବା ୱାର୍ଲ୍ଡ ମେମୋରୀ ଚାମ୍ପିୟନଶିପ୍ କିଡ୍ସ୍ କ୍ୟାଟେଗୋରୀରେ ସ୍ୱର୍ଣ୍ଣପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି।

**ଅଲିମ୍ପିଆଡ ମାଷ୍ଟର ପ୍ରତ୍ୟୁଷ:** ନଅବର୍ଷ ବୟସ୍କ ପ୍ରତ୍ୟୁଷ ମହାନ୍ତି ଜାତୀୟସ୍ତରୀୟ ଆଲେନ ଚାମ୍ପିୟନଶିପ୍ ୨୦୧୯ରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

**ସାରସ୍ୱତ ସାଧକ କୌଶିକ:** ଶିଶୁ ଲେଖକ ଭାବେ ବେଶ୍ ପରିଚୟ ସୃଷ୍ଟି କରିପାରିଛନ୍ତି ୧୪ବର୍ଷ ବୟସ୍କ କୌଶିକ କୁମାର ହୋତା। ସେ ରଚନା କରିଥିବା ଟିକି ତାରାଟିଏ କର, ମହତକର୍ମ, ହସାଇବି ବସୁନ୍ଧରା, କୁନାହେଲା ସୁନାପିଲା ଆଦି କବିତା ଏବଂ ପ୍ରକୃତବନ୍ଧୁ, ସୋନୁର ଜନ୍ମଦିନ ପାର୍ଟି ଆଦି ଗଳ୍ପ ବେଶ୍ ପ୍ରଶଂସିତ ହୋଇଛି।

**ବିବିଧବର୍ଣ୍ଣା ତିଥିରୂପା:** ତିଥିରୂପା ବହିଦାର ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇ ଅନେକ କୃତିତ୍ୱ ହାସଲ କରିଛନ୍ତି। ସମ୍ବଲପୁରୀ ଚଳଚ୍ଚିତ୍ର 'ଚିନି'ରେ ଶିଶୁ କଳାକାର ଭାବେ କାର୍ଯ୍ୟ କରି ଶ୍ରେଷ୍ଠ ଶିଶୁ କଳାକାରର ପୁରସ୍କାର ମଧ୍ୟ ହାସଲ କରିଛନ୍ତି।

**ଅଲରାଉଣ୍ଡର ମୁସ୍କାନ୍:** ମୁସ୍କାନ ମଲ୍ଲିକ, ବୟସ ୧୧। ଲୋକସଙ୍ଗୀତ ସହ ଭଜନ ପରିବେଷଣ, ଶାସ୍ତ୍ରୀୟ ସଙ୍ଗୀତ, ନୃତ୍ୟ ଓ ଚିତ୍ରାଙ୍କନରେ ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି। ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ସଙ୍ଗୀତ(କନିଷ୍ଠ)ବିଭାଗରେ ପ୍ରଥମ ହୋଇ ରାଜ୍ୟପାଳ ଟ୍ରଫି ହାସଲ କରିଛନ୍ତି। ଭାରତ ସରକାରଙ୍କ ପକ୍ଷରୁ ଲୋକଗୀତ ପାଇଁ ଜାତୀୟ କଳାକାର ବୃତ୍ତି ମଧ୍ୟ ପାଉଛନ୍ତି।

**ଅଲ୍‌ରାଉଣ୍ଡର ପ୍ରାର୍ଥନା:** ପ୍ରାର୍ଥନା ଭାରୁ, ବୟସ ୧୪। ନିଖୁଣ ଚିତ୍ରାଙ୍କନ କରି ସେ ଜିଲା ଓ ରାଜ୍ୟସ୍ତରୀୟ ବିଭିନ୍ନ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିଯୋଗୁ ସେ ଓଡିଶା ଓ ଛତିଶଗଡ ଜୋନ ଆଇସିଏସଇ ବୋର୍ଡ ଦ୍ୱାରା ପରିଚାଳିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ, ଶିଶୁ ଚିତ୍ରଶିଳ୍ପୀ ପୁରସ୍କାର, ଶ୍ରେଷ୍ଠ ଶିଶୁ ଶିଳ୍ପୀ ପୁରସ୍କାର ଆଦି ଲାଭ କରିଛନ୍ତି।

**ଯମପଡ଼ାର ଗୌରବ ସ୍ମୃତିରଞ୍ଜନ:** ଅଷ୍ଟମ ଶ୍ରେଣୀର ଛାତ୍ର ସ୍ମୃତିରଞ୍ଜନ ବାରିକ ଗତ ଜାନୁୟାରୀ ୨୭ ରୁ ୩୧ ତାରିଖ ପର୍ଯ୍ୟନ୍ତ ଚେନ୍ନାଇଠାରେ ଅନୁଷ୍ଠିତ ୨୩ତମ ଜାତୀୟ ବଧିର କ୍ରୀଡା ପ୍ରତିଯୋଗିତାର ଉଚ୍ଚ ଡିଆଁରେ ସ୍ୱର୍ଣ୍ଣପଦକ ହାସଲ କରି ଆମ ରାଜ୍ୟ ପାଇଁ ଆଣିଛନ୍ତି ଗୌରବ।

**ଚିତ୍ରାଙ୍କନ ନିଶାରେ ହର୍ଷିତା:** କେନ୍ଦ୍ରାପଡା ଜିଲା ମାର୍ଶାଘାଇର ହର୍ଷିତା ଦାସ। ଚିତ୍ରାଙ୍କନ ଲାଗି ସେ ସାଉଁଟିଛନ୍ତି ଅନେକ ପୁରସ୍କାର ଓ ପ୍ରଶଂସା। ବିଭିନ୍ନ ପ୍ରାକୃତିକ ଦୃଶ୍ୟରାଜି ଏବଂ ସାମ୍ପ୍ରତିକ ଘଟଣାକୁ ଚିତ୍ରର ରୂପ ଦେବାରେ ସେ ସିଦ୍ଧହସ୍ତ।

**ଅଲ୍‌ରାଉଣ୍ଡର ଶ୍ରାବଣୀ:** ଅଷ୍ଟମ ଶ୍ରେଣୀର ଛାତ୍ରୀ ଶ୍ରାବଣୀ ମହାନ୍ତି। ପାଠପଢା ସହ ଓଡିଶୀ ନୃତ୍ୟରେ ପାରଙ୍ଗମ। ଭୁବନେଶ୍ୱର ଭଞ୍ଜକଳାମଣ୍ଡପରେ ନୃତ୍ୟ ନୈବେଦ୍ୟ ଓଡିଶୀ ଉତ୍ସବରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଅଧୀନ ଏବଂ ନୂଆଦିଲ୍ଲୀସ୍ଥିତ ସେଣ୍ଟର ଫର୍ କଲ୍‌ଚରାଲ୍ ରିସୋର୍ସ ଆଣ୍ଡ୍ ଟ୍ରେନିଂ ପକ୍ଷରୁ ଓଡ଼ିଶୀ କନିଷ୍ଠ ବର୍ଗରେ ବୃତ୍ତି ପାଇବାକୁ ମନୋନୀତ ମଧ୍ୟ ହୋଇଛନ୍ତି।





ହର୍ଷିତା



ପ୍ରତ୍ୟୁଷ



ଶ୍ରାବଣୀ



ଧ୍ରୁବ



ମୁସ୍କାନ୍

## ଆଇନା



ଅଭିଲିପ୍ସା



ରୁପୁନ୍



ପ୍ରିୟାଂଶୀ

ପ୍ରୀତିପ୍ରଜ୍ଞା

ଆୟୁଷ୍ମାନ

ପିହୁ



ସରନ୍ୟା



ଓମ୍

# ନୂଆବର୍ଷକୁ ଚିଠିଟିଏ

ହେ ନୂଆ ବରଷ ଲେଖୁଛୁ ହରଷେ
ଖୁସି ମନେ ଏହି ଚିଠିଟି,
ପଢିବ ଯତନେ ଆସିବ ମରତେ
ରହିଛୁ ଅନାଇ ଆମେଟି ।
ବରଷକ ଥରେ ପାଦ ପକାଇବ
ଧୀରେ ଧୀରେ ତମେ ମହୀରେ,
ଶୀତୁଆ ପବନ ବହୁଥିବ ଧୀରେ
ସକାଳ କଅଁଳ ଖରାରେ ।
ନୂଆ ନୂଆ କେତେ ଦରବ ଆଣିବ
ଉପହାର ଦେବ ଆମକୁ,
ଆମେ କୁନା କୁନି, ବାବୁଲା ବାବୁଲି
ସ୍ୱାଗତ କରିବୁ ତମକୁ ।
ବାଜୁଥିବ ବାଜା ଫୁଟୁଥିବ ବାଣ
ହସ ଖୁସି ଚଉଦିଗରେ,
କେତେ ଭୋଜିଭାତ ଆନନ୍ଦ ଉଲ୍ଲାସ
ଫାଟିପଡୁଥିବ ମଜାରେ ।
ସବୁରି ଆଖିରୁ ପୋଛି ଦେବ ଲୁହ
ହସି ହସି କଥା କହିବ,
ରାଗ କରିବନି ଦୁଃଖ କରିବନି
ସଭିଙ୍କର ମନ ମୋହିବ ।
ଦିନ ସବୁ ଆମ ହସେ କଟିଯାଉ
ଏହି ଅଳି ତମ ପାଦରେ,
ଆମ ମାଆ ମାଟି ଜନମ ଭୂଇଁକୁ
ରଖିବଟି ସଦା ଶାନ୍ତିରେ ।
ଅନ୍ୟାୟ, ଅନୀତି, ହିଂସା ଓ କପଟ
ମିଛ,ରକ୍ତପାତ, ଗରବ,
ଦୂର କରିଦେବ ହେ ନୂଆ ବରଷ
ଏହି ନିବେଦନ ରଖିବ ।
ସଦା ଭରିଦେବ ଯଶ ଗଉରବ
ଏହି ଆମ ପୁଣ୍ୟ ମାଟିରେ,
ବିପଦେ ଆପଦେ ଲଢିବାକୁ ଦେବ
ଶକତି କଅଁଳ ଛାତିରେ ।
ଦେଶ ପାଇଁ ଆମେ ଜୀବନ ଦେବୁଯେ
କରୁଛୁ ଆଜି ଏ ଶପଥ,
ଆସୁ ଯେତେ ଝଡ ଆସୁ ଯେତେ ଝଞ୍ଜା
ହସି ହସାଇବୁ ଜଗତ ।

–ଶରତ କୁମାର ଦାସ
ଅଧ୍ୟାପକ, ବଡ଼ବିଲ ମହାବିଦ୍ୟାଳୟ
ବଡବିଲ,କେନ୍ଦୁଝର
ମୋ:୮୨୪୯୧୩୭୦୯୧

କ ବି ତା

# ନୂତନ ବର୍ଷ



ନୂଆ ବରଷଟା ଆସି
ଡାକୁଛି ଆମକୁ ଦୁଆର ପାରୁଶେ
ଖୁସି ଦେବାକୁ ବରଷି ।
ନୂଆ ଜାମାପଟା ପିନ୍ଧି
ନୂଆ ନୂଆ ଖାଦ୍ୟ ରାନ୍ଧି
ସାଦରେ ତାହାକୁ ସ୍ୱାଗତ କରିବା
ସମୟକୁ ହାତେ ବାନ୍ଧି ।
ଭୁଲି ସବୁ ପଛ କଥା
ଦୂର କରି ମନୁ ବ୍ୟଥା
ନୂଆ ଭାବ ନୂଆ ସଂକଳ୍ପ ନେଇଣ
ହୋଇବା ଜଗତ ଜିତା ।
ନୂତନ ଜ୍ଞାନ ଅରଜି
ହିଂସା ବାଦକୁ ବରଜି
ସଭିଙ୍କୁ କରିବା ଆପଣାର ଆମେ
ଶାନ୍ତିର ଧରା ସରଜି ।
ଗୁରୁଜନଙ୍କୁ ସମ୍ମାନ
ସାନଙ୍କୁ ନ ମଣି ହୀନ
ସତ୍ୟ, ନ୍ୟାୟ ପଥେ ଚାଲିବା ପାଇଁ
ଆଜିଠୁ କରିବା ପଣ ।
ପ୍ରାଣ ଆମ ପରିବେଶ
ତା' ପାଇଁ ମନ ନିବେଶ
ବୃକ୍ଷ ରୋପଣକୁ ଗୁରୁତ୍ୱ ଦେଲେ ତ
ସୁନ୍ଦର ହେବ ଭବିଷ୍ୟ ।

– ସୁଧାକର ରାଉତରାୟ
ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

# ଆସ ଦି ହଜାର ବିଂଶ

ପସରା ଧରି ଶୀତର ପ୍ରବେଶ ଧରାବକ୍ଷରେ
ଗେଣ୍ଡୁ ଜିନିଆ ଡାଲିଆ କ୍ରିସ୍‌ମାସ ମନଛୁଆଁ
ଫୁଲରେ ଭରା କାକର ମନ କରିବ ଚଞ୍ଚଳ
ବିଲବାଡି ଚାଷ କ୍ଷେତ ସବୁଜିମା ଭରିଛିତ
ଧରାରେ କେତେ ଯେ ଭୂଇଁ ବରଫେ ଆଚ୍ଛାଦିତ ହୋଇ
ଚାହିଁଛନ୍ତି ତୁମ ପଥ କରିବା ପାଇଁ ସ୍ୱାଗତ।
ଧରାବାସୀ ଯେତେ ଜନ ବନ୍ଦିବେ ତୁମ ଚରଣ
ଫୁଟାଇ ବାଣ ରୋଶଣି ବଖାଣି କେତେ କାହାଣୀ
ବିଦାୟ ଦେଇ ପୁରୁଣା ଆଦରି ନୂଆ କୁଣିଆ
ଭୋଜିଭାତେ ଯିବେ ହଜି ନୂଆ ନୂଆ କଥା ହେଜି
ଆସ ଦି ହଜାର ବିଂଶ ସଭିଙ୍କର ମନ ତୋଷ
ଦେଇ ନୂତନ ସନ୍ଦେଶ ବିଶ୍ୱରେ ଭର ବିଶ୍ୱାସ।
ବିଶ୍ୱ ହିତେ ଦେବ ଧ୍ୟାନ ଭାଇଚାରାର ବନ୍ଧନ
ମାତୃଜାତି ସମ୍ମାନାର୍ଥେ ଜ୍ଞାନ ଭରିବେ ମସ୍ତକେ
ହୀନମନ୍ୟତାକୁ ଛାଡି ପ୍ରଗତିର ପଥ କାଢି
ନୂଆନୂଆ ଉଦ୍‌ଭାବନେ ନିବେଶି ସଭିଙ୍କ ମନ
ବିଶ୍ୱର ପ୍ରଗତି ଚିନ୍ତି ଯାଉ ତୁମ ଦିନ ବିତି।

– ମାନସ କୁମାର ବାରିକ, ପ୍ରଧାନଶିକ୍ଷକ
ପଳସା ଉ.ପ୍ରା. ବିଦ୍ୟାଳୟ
ଖଇରା, ବାଲେଶ୍ୱର
ମୋ: ୯୯୩୮୦୮୦୭୯୩




# ଆରଥରର ଉତ୍ତର

କେଉଁଟି ଅଲଗା

* ଲୁଣ
* ଗୋଲାପ
* ପାଇପ୍
* ବାଦୁଡି
* ଡ୍ୟାମ

# ହେ' ନୂଆ ବରଷ

ଥରି ଥରି ଆସ ହେ ନୂଆ ବରଷ
ବଣଭୋଜି କରିବାକୁ,
ଜାତି ଧର୍ମ ଭୁଲି ସାଙ୍ଗ ସାଥୀ ମେଳ
ଭାବ ଲାଭ ପାଇବାକୁ ।
ପୁରୁଣା ବର୍ଷରେ ନୂଆ ମନ ଯେତେ
ମଳିନ ପଡୁଛି ଏଠି
ଧୋଇଧାଇ ତାକୁ ଶପଥ ଆଳରେ
ଧରିବା ବକ୍ଷେ ସାଉଁଟି ।
ଛାଡିଣ ଆଳସ୍ୟ କର ପରିଶ୍ରମ
ଦେଶ, ଜାତି ଉପକାରେ,
ସୁଖ, ଶାନ୍ତି ଆମ ଅଗଣାର ଫୁଲ
ହୋଇ ବାସିବ ବିଶ୍ୱରେ ।
ଚେତନା କାଳରୁ ସମୟ ସ୍ରୋତରେ
କାଟିଛୁ ଅନେକ ପର୍ବ,
ଏପରି ମଇତ୍ରୀ ପର୍ବ ପୃଥିବୀରେ
ଆଣିଥାଏ ପ୍ରାଣେ ଗର୍ବ ।
ନୂଆ ନୂଆ ଲାଗେ ଶୀତ ସକାଳଟା
ରାତି ବାରଟାରୁ ଉଠି,
ଅଭିନନ୍ଦନର ଶବ୍ଦ ବିଛେଇଛି
ଉତ୍ସୁକତାରେ ସବୁଠି ।
ମନ ନାଚି ଉଠେ ପ୍ରକୃତି ସମ୍ଭାରେ
ପାଉଛୁ ପ୍ରାଣରେ ଜ୍ୟୋତି,
ଆସ ଭାଇ, ବନ୍ଧୁ ଅହଙ୍କାର ଭୁଲି
ରଖିବା ସ୍ମୃତି ସାଇତି ।
ଅଙ୍କ ବୃଦ୍ଧି ଏକ ହୋଇନି ସଂସାରେ
ଅନୁଭବ ଆସେ ନୂଆ,
ଉଣେଶ ସ୍ମୃତିରୁ କୋଡିଏ ଯୋଜନା
ଜାଗ୍ରତେ କରିବା ଠିଆ ।

–କାମାକ୍ଷା ପ୍ରସାଦ ବେହେରା,
ଇନ୍ଦିପୁର,ଢେଙ୍କାନାଳ
ମୋ: ୯୧୭୮୮୫୬୨୦୩




# ଆସିଛି ଲୋ ମିତ ନୂଆ ବରଷ

ଆସିଛି ଲୋ ମିତ ନୂଆ ବରଷ
ସବୁରି ମୁହଁରେ ଭରି ହରଷ
ଭୁଲି ରାଗରୋଷ ଦୁଃଖ ଅଶେଷ
ଗଢିବା ଖୁସିର ନୂଆ ଉଆସ।

କେତେ ନୂଆ ଆଶା ନୂଆ ପରଶ
ଆଣିଛି ସଜେଇ ନୂଆ ବରଷ
ନୂଆ ଅତିଥିଙ୍କୁ କରି ସ୍ୱାଗତ
ଆସ ମନେଇବା ନୂଆ ବରଷ।


–ଅର୍ଚ୍ଚନା କର
ପ୍ଲଟନମ୍ବର– ୬୫୬, ନୟାପଲ୍ଲୀ
ବେହେରାସାହି, ଭୁବନେଶ୍ୱର

## ନୂଆ ବରଷ ଅଭିନନ୍ଦନ

ନୂଆ ବରଷ ମନ ହରଷ
ନାଚେ ଆନନ୍ଦେ ମଜି
ନୂଆ ସୂରୁଜ ନୂଆ ପରଶ
ମନ ତ ଯାଏ ହଜି
ପୁରୁଣା କଥା ମନର ବ୍ୟଥା
ସବୁ ତ ଯିବା ଭୁଲି
ନୂଆ ସକାଳ କରି ସ୍ୱାଗତ
ନାଚିବା ହୋଇ ମେଳି।
ଶପଥ ଆମେ କରିବା ଆଜି
ଗଢିବା ନୂଆ ଦେଶ
କରିବା ନାହିଁ କା ସାଥେ କଳି
ଫୁଟାଇ ମୁଖେ ହସ।
ଖୁସିର ବର୍ଷା ଝରି ତ ପଡୁ
ସଭିଙ୍କ ମନ ପ୍ରାଣେ
ଲିଭି ତ ଯାଉ ଘୃଣା ମନରୁ
ଭକ୍ତି ଭରଇ ମନେ।
ନୂଆ ଭରସା ନୂତନ ଆଶା
ପୂରଇ ଆମ ମନ
ନବୀନ ହେଉ ସାରା ଜୀବନ
ସୁଖରେ କଟୁ ଦିନ।
ଅଭିନନ୍ଦନ କରୁଛୁ ଆମେ
ମଧୁର ଗୀତ ଗାଇ
ଖୁସିରେ ବିତୁ ନୂଆ ବରଷ
ନୂଆ ଆଲୋକ ଦେଇ।

– ଡ. ବିଜ୍ଞାନ ମହାନ୍ତି, ୩୫, ସୂର୍ଯ୍ୟନଗର,ଭୁବନେଶ୍ୱର

# ତୁମ ତୂଲୀରୁ



୧




୨



୩



୪



୫



୬



୭




୮



୧

**ଅନୁଷ୍କା ବେଉରା**
କ୍ଲାସ–୫,ସେଣ୍ଟ ଜୋସେଫ୍ ହାଇର ସେକେଣ୍ଡାରୀ ସ୍କୁଲ,ଭୁବନେଶ୍ୱର



୨

**ଆଦ୍ୟାଶା ଦାଶ**
କ୍ଲାସ–୧, କେନ୍ଦ୍ରୀୟ ବିଦ୍ୟାଳୟ–୧, ଭୁବନେଶ୍ୱର



୩

**ଶୁଭସ୍ମିତା ମହାରଣା**
କ୍ଲାସ–୧୦, ସରକାରୀ ଉଚ୍ଚ ବିଦ୍ୟାଳୟ, ଭିଏସ୍ଏସ୍ ନଗର, ଭୁବନେଶ୍ୱର



୪

**ଅୟସ୍କାନ୍ତ ପତି**
କ୍ଲାସ–୩, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ୍, ଭୁବନେଶ୍ୱର



୫

**ଭାଗ୍ୟଶ୍ରୀ ସାମଲ**
କ୍ଲାସ–୩, ଡି.ଏ.ଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ୍, ଭୁବନେଶ୍ୱର



୬

**ଶାନ୍ତି ଉଲାକା**
କ୍ଲାସ–୪,କୁମ୍ଭାରଢ଼ାମୁଣୀ କଲୋନୀ ସେବାଶ୍ରମ, ରାୟଗଡା



୭

**ଲିପାଲି ବିଦ୍ୟା ବିଭୁଷିତା**
କ୍ଲାସ–୬, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପିପିଲି, ପୁରୀ



୮

**ଅନସୁଲ ଦାସ**
କ୍ଲାସ–୪, ଲିଟିଲ୍ ଫ୍ଲାୱାର ସ୍କୁଲ୍, ବଲାଙ୍ଗୀର

# ଆ ଇ ନା



ସ୍ରିଷ୍ଟି
୧୩ ବର୍ଷ



ସରନ୍ୟା
୧୧ ବର୍ଷ